# ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ବିବରଣୀ ପ୍ରତି ସ୍ୱତନ୍ତ୍ର ବହୁଦର୍ଶୀ ବିଶେଷଜ୍ଞ ଦଳଙ୍କ ସୁଚିନ୍ତିତ ମୂଲ୍ୟାୟନ ଓ ସୁପାରିଶ୍ ରିପୋର୍ଟ

(କଟକ ଜିଲ୍ଲା କଟକ ମହାନଗର ନିଗମ ତଥା ସଦର କଟକ ତହସିଲ ଅନ୍ତର୍ଗତ ୟୁନିଟ ନଂ-୧୪, ନୟାସଡକ ମୌଜାରେ "ମହାଧିବକ୍ତା, ଓଡିଶା, କଟକ ଙ୍କ ନୂତନ କାର୍ଯ୍ୟାଳୟ ର ଯାନ ବାହାନ ରଖିବା ସ୍ଥାନ" ପ୍ରକଳ୍ପ ନିମନ୍ତେ ଜମି ଅଧିଗ୍ରହଣ ସମ୍ପର୍କେ)

**ବୈଧାନିକ ବ୍ୟବସ୍ଥା:**

କଟକ ସହରସ୍ଥିତ ମାନ୍ୟବର ଉଚ୍ଚ ନ୍ୟାୟାଳୟ, କଟକଙ୍କ ନିକଟରେ ହେଉଥିବା ନବନିର୍ମିତ ମହାଧିବକ୍ତା, ଓଡିଶା, କଟକ ଙ୍କ ନୂତନ କାର୍ଯ୍ୟାଳୟର ଯାନ ବାହାନ ରଖିବା ସ୍ଥାନ ପ୍ରକଳ୍ପ ନିମନ୍ତେ ସଦର କଟକ ତହସିଲ ଅନ୍ତର୍ଗତ ମୌଜା- ୟୁନିଟ ନଂ-୧୪, ନୟାସଡକର ୦.୧୧୯ ଡ଼ିସିମିଲି ବ୍ୟକ୍ତିଗତ ମାଲିକାନା ଭୂକ୍ତ ଜମି ଅଧିଗ୍ରହଣ ନିମନ୍ତେ ଆଇନ ବିଭାଗ ତରଫରୁ କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷ ଅତିରିକ୍ତ ସ୍ୱତନ୍ତ୍ର ଅଧିକାରୀ, ମହାଧିବକ୍ତାଙ୍କ କାର୍ଯ୍ୟାଳୟ, ଓଡିଶା, କଟକଙ୍କ ଠାରୁ ପ୍ରସ୍ତାବ ପ୍ରାପ୍ତ ହେବାପରେ ତତ୍ ସମ୍ପର୍କରେ ସଠିକ କ୍ଷତିପୂରଣ ଅଧିକାର ଏବଂ ଜମି ଅଧିଗ୍ରହଣରେ ସ୍ୱଚ୍ଛତା, ଥଇଥାନ ଓ ପୁନର୍ବାସ ଆଇନ ୨୦୧୩ ର ଧାରା ୪ ଅନୁଯାୟୀ ଆବଶ୍ୟକ ହେଉଥିବା ସାମାଜିକ ପ୍ରଭାବ ନିର୍ଦ୍ଧାରଣ ସର୍ବେକ୍ଷଣ କରିବା ପାଇଁ ନିମ୍ନମତେ ଅଧିସୂଚନା ମାନ ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଦ୍ୱାରା ପ୍ରକାଶନ ହୋଇଅଛି ।

**ଅଧିସୂଚନା**

| କ୍ର. ନଂ. | ତହସିଲ | ଗ୍ରାମ | ପ୍ରସ୍ତାବିତ ଅଧିଗ୍ରହଣ ବ୍ୟକ୍ତିଗତ ଜମି | ଅଧିସୂଚନା ସଂଖ୍ୟା ଓ ତାରିଖ |
|---|---|---|---|---|
| ୧. | ସଦର କଟକ | ୟୁନିଟ ନଂ- ୧୪,ନୟାସଡକ | ଏ ୦.୧୧୯ ଡ଼ିସିମିଲି | ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧିସୂଚନା ସଂଖ୍ୟା ୫୨୧୮ ତା. ୦୪.୦୨.୨୦୨୬ |

**ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ:**

ଓଡ଼ିଶା ସରକାରଙ୍କ ଅଧିସୂଚନା ମତେ "ସାମାଜିକ ପ୍ରଭାବ ନିର୍ଦ୍ଧାରଣ ସର୍ବେକ୍ଷଣ" ର ଭାର ରାଜ୍ୟ ସର୍ବେକ୍ଷଣ ଅନୁଷ୍ଠାନ ନବକୃଷ୍ଣ ଚୌଧୁରୀ ସେଣ୍ଟର ଫର ଡେଭଲପମେଣ୍ଟ ଷ୍ଟଡ଼ିଜ୍ (ଏନ. ସି. ଡ଼ି ଏସ୍.) ଭୁବନେଶ୍ୱରଙ୍କୁ ନ୍ୟସ୍ତ କରାଯାଇଥିଲା । ତତ୍ ପଶ୍ଚାତ, ନବକୃଷ୍ଣ ଉନ୍ନୟନ କେନ୍ଦ୍ର (ଏନ. ସି. ଡ଼ି. ଏସ୍.), ଅଗ୍ରଣୀ (AGRANEE), ସା/ପୋ- ଶରତ, ଜିଲ୍ଲା-ମୟୂରଭଞ୍ଜଙ୍କୁ ଉକ୍ତ କାର୍ଯ୍ୟ ସମ୍ପାଦନ କରିବାର ଦାୟିତ୍ୱ ପ୍ରଦାନ କରିଥିଲେ ।

ଏହି ସର୍ବେକ୍ଷଣ ସଂସ୍ଥା ଆଇନର ଆବଶ୍ୟକତା ଅନୁସାରେ ସର୍ବେକ୍ଷଣ ମାଧ୍ୟମରେ ସର୍ଭେ କରି ପ୍ରକଳ୍ପ ପ୍ରଭାବିତ ପରିବାର, ପ୍ରକଳ୍ପ ପ୍ରଭାବିତ ଜନସଂଖ୍ୟା, ସାମାଜିକ ବିବରଣୀ, ପରିବାରର ସମ୍ପୂର୍ଣ୍ଣ ବିବରଣୀ ଜୀବିକା ଆୟର ପନ୍ଥା., ପରିବାରର ମୋଟ ବ୍ୟୟ, ପରିବାରର ଆସବାବ ପତ୍ର, ପ୍ରଭାବିତ ହେବାକୁ ଥିବା କୋଠାବାଡ଼ି, ବ୍ୟବସାୟିକ ବା ଆତ୍ମନିଯୁକ୍ତି ଭିତ୍ତିକ କାର୍ଯ୍ୟପନ୍ଥା ନିଯୁକ୍ତିର ପ୍ରଣାଳୀ ପ୍ରଭୃତି ସାକ୍ଷାତକାର ସୂଚୀରେ ଏକ ପୂର୍ଣ୍ଣାଙ୍ଗ ବିବରଣୀ ପ୍ରସ୍ତୁତ କରିଛନ୍ତି ।

**ଜନଶୁଣାଣି (ଧାରା-୫)**

ଉଚିତ କ୍ଷତିପୂରଣ ଏବଂ ଜମି ଅଧିଗ୍ରହଣରେ ସ୍ୱଚ୍ଛତା, ଥଇଥାନ ଓ ପୂନର୍ବାସ ଆଇନ- ୨୦୧୩ ଧାରା ୫ ଅନୁସାରେ ପ୍ରଭାବିତ ଅଞ୍ଚଳ ଗୁଡିକରେ ଜନଶୁଣାଣିର ସ୍ଥାନ, ତାରିଖ ଓ ସମୟ ସଂକ୍ରାନ୍ତରେ ସର୍ବସାଧାରଣଙ୍କୁ ଯଥେଷ୍ଟ ପୂର୍ବରୁ ପ୍ରଚାର ମାଧ୍ୟମରେ ଜଣାଯାଇଥିଲା ।

ଆୟୋଜିତ ଜନଶୁଣାଣି କାର୍ଯ୍ୟ **Old Conference Hall, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କଟକ ଠାରେ** ଗୋଟିଏ ଜନଶୁଣାଣି ବୈଠକ ମଧ୍ୟରେ ସମାପନ ହୋଇଥିଲା । ଉକ୍ତ ଜନଶୁଣାଣିରେ ବିଶଦ ବିବରଣୀ ଚୂଡାନ୍ତ ସର୍ବେକ୍ଷଣ ବିବରଣୀରେ ବର୍ଣ୍ଣନା ହୋଇଅଛି ।

ଜନଶୁଣାଣି ସମୟରେ କ୍ଷତିଗ୍ରସ୍ତ ତଥା ସହରବାସୀମାନେ ଯୋଗ ଦେଇ ପ୍ରଶ୍ନୋତ୍ତର ମାଧ୍ୟମରେ ନିଜ ନିଜର ସନ୍ଦେହ ମୋଚନ କରିଥିଲେ ଏବଂ ପ୍ରକଳ୍ପ ସପକ୍ଷରେ ବହୁମତ ବ୍ୟକ୍ତ କରିବା ସହ ପ୍ରସ୍ତାବିତ ଜମିକୁ ଆଇନ ବିଭାଗକୁ ଦେବା ପାଇଁ ଆଗ୍ରହ ପ୍ରକାଶ କରିଥିଲେ ।

ତା ୨୨.୦୪.୨୦୨୬ ରିଖ ଦିବା ୧୧.୦୦ଘଟିକା ସମୟରେ **Old Conference Hall, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କଟକଠାରେ** ଜିଲ୍ଲା ପ୍ରଶାସନ ଓ ଅଗ୍ରଣୀ (AGRANEE),ସା/ପୋ- ଶରତ, ଜିଲ୍ଲା-ମୟୂରଭଞ୍ଜ, ପ୍ରକଳ୍ପ ରୂପାୟନକାରୀ ତରଫରୁ ଜନଶୁଣାଣି କାର୍ଯ୍ୟକ୍ରମ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ), କଟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଜନଶୁଣାଣିରେ ଅତିରିକ୍ତ ସ୍ୱତନ୍ତ୍ର ଅଧିକାରୀ, ମହାଧିବକ୍ତାଙ୍କ କାର୍ଯ୍ୟାଳୟ, ଓଡିଶା, କଟକ, ନିର୍ବାହୀ ଯନ୍ତ୍ରୀ, ପୂର୍ତ୍ତ ବିଭାଗ, ଡିଭିଜନ -୧, କଟକ, ଭୂ-ଅର୍ଜନ ଅଧିକାରୀ (ପୌର), କଟକ, ଡେପୁଟି ଜିଲ୍ଲାପାଳ, ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ,କଟକ, J.E.O. କଟକ ମହାନଗର ନିଗମ, ଅଧ୍ୟୟନକାରୀ ସଂସ୍ଥା ଅଗ୍ରଣୀ (AGRANEE) ର ପ୍ରତିନିଧି ଉପସ୍ଥିତ ଥିଲେ ।

ଉକ୍ତ ଜନଶୁଣାଣି ବୈଠକରେ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ), କଟକ ସ୍ୱାଗତ ଭାଷଣ ଦେବା ସହିତ "ମହାଧିବକ୍ତା, ଓଡିଶା, କଟକଙ୍କ ନୂତନ କାର୍ଯ୍ୟାଳୟର ଯାନ ବାହାନ ରଖିବା ସ୍ଥାନ ପ୍ରକଳ୍ପ ନିମନ୍ତେ ଜମି ଅଧିଗ୍ରହଣ ପାଇଁ ଉଚିତ କ୍ଷତିପୂରଣ ଏବଂ ଜମି ଅଧିଗ୍ରହଣରେ ସ୍ୱଚ୍ଛତା, ଥଇଥାନ ଓ ପୂନର୍ବାସ ଆଇନ- ୨୦୧୩ ମୁତାବକ କରାଯାଇ ଥିବା ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ସମସ୍ତଙ୍କୁ ଅବଗତ କରାଇଥିଲେ । ଅଧ୍ୟୟନକାରୀ ସଂସ୍ଥା ଅଗ୍ରଣୀ (AGRANEE) ର ପ୍ରତିନିଧି ଏହି ପ୍ରକଳ୍ପ ବିଷୟରେ ସମ୍ୟକ ସୂଚନା ପ୍ରଦାନ କରିବା ସହିତ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନର ବିବରଣୀ ଉପସ୍ଥାପନ କରିଥିଲେ । ଅଧ୍ୟୟନକାରୀ ସଂସ୍ଥା ଅଗ୍ରଣୀ (AGRANEE) ର ପ୍ରତିନିଧି ଉକ୍ତ ଇଲାକାରେ ପ୍ରଭାବିତ ହେଉଥିବା କ୍ଷତିଗ୍ରସ୍ତ ପରିବାରର ଅସୁବିଧା ଓ ମତାମତ ନେଇ ଆଲୋଚନା କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ମହାଶୟ ସମସ୍ତ ପ୍ରଭାବିତ ପରିବାରଙ୍କ ଠାରୁ ଆପତ୍ତି ଅଭିଯୋଗ ଶୁଣିବା ପରେ ନିଜର ମତାମତ ଉପସ୍ଥାପନ କରିଥିଲେ ।

<u>ପ୍ରଶାସନ ଧାରା – ୬</u>

ଜନଶୁଣାଣି ପରେ ପ୍ରାପ୍ତ ହୋଇଥିବା ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ଏବଂ ସାମାଜିକ ପ୍ରଭାବ ପରିଚାଳନା ଯୋଜନା ବିବରଣୀକୁ ଆଇନର ଧାରା-୬ ମତେ ବିଧିବଦ୍ଧ ଭାବେ ପ୍ରକାଶନ କରାଯାଇଥିଲା ।

**ଆଇନର ଧାରା-୭ ଉପଧାରା-୧ ଅନୁସାରେ ସ୍ୱତନ୍ତ୍ର ବହୁଦର୍ଶୀ ବିଶେଷଜ୍ଞ ଦଳଙ୍କ ଦ୍ୱାରା ଚୁଡ଼ାନ୍ତ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନର ମୂଲ୍ୟାୟନ ଓ ସୁପାରିଶ**

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଜମି ଅଧିଗ୍ରହଣରେ ସ୍ୱଚ୍ଛତା, ଥଇଥାନ ଓ ପୂନର୍ବାସ ଆଇନ-୨୦୧୩ ଧାରା-୭ ଉପଧାରା-୧ ଅନୁସାରେ ଗଠିତ ହୋଇଥିବା "ସ୍ୱତନ୍ତ୍ର ବହୁଦର୍ଶୀ ବିଶେଷଜ୍ଞ ଦଳଙ୍କ" ଦ୍ୱାରା ପୂର୍ବୋକ୍ତ ପ୍ରକାରେ ପ୍ରକାଶନ ହୋଇଥିବା ସାମଜିକ ପ୍ରଭାବ ନିର୍ଦ୍ଧାରଣ ଚୁଡ଼ାନ୍ତ ରିପୋର୍ଟକୁ ଅନୁଧ୍ୟାନ କରିବା ପରେ ଏହାର ମୂଲ୍ୟାୟନ କରାଯାଇ ସରକାରଙ୍କ ନିକଟକୁ ଜଣାଇବାର ବ୍ୟବସ୍ଥା ରହିଅଛି ।

<u>ସ୍ୱତନ୍ତ୍ର ବହୁଦର୍ଶୀ ବିଶେଷଜ୍ଞ ଦଳ</u>

୧. ଶ୍ରୀଯୁକ୍ତ ପ୍ରଶନ୍ନ କୁମାର ଲିମା, ଫ୍ରିଲାନ୍ସ କନସଲଟାଣ୍ଟ, ସାମାଜିକ ବିଜ୍ଞାନୀ
୨. ଡକ୍ଟର ରାଜକିଶୋର ମେହେର, ଅବସରପ୍ରାପ୍ତ ସମାଜ ବିଜ୍ଞାନ ପ୍ରଧ୍ୟାପକ, ସାମାଜିକ ବିଜ୍ଞାନୀ
୩. ସୁଶ୍ରୀ ଦମୟନ୍ତି ମାଝୀ, ଡେପୁଟି ମେୟର, କଟକ ମହାନଗର ନିଗମ ପ୍ରତିନିଧି
୪. ଶ୍ରୀଯୁକ୍ତ ସତ୍ୟ ରଞ୍ଜନ ତ୍ରିପାଠୀ, କର୍ପୋରେଟର ୱାର୍ଡ଼ ନଂ– ୧୩, କଟକ ମହାନଗର ନିଗମ ପ୍ରତିନିଧି
୫. ଶ୍ରୀଯୁକ୍ତ ଦେବେଶ କୁମାର ବିଶ୍ୱାଳ, ଅବସରପ୍ରାପ୍ତ ଓଡିଶା ପ୍ରସାଶନିକ ସେବା ଅଧିକାରୀ, ପୂନର୍ବାସ ଓ ଥଇଥାନ ବିଶେଷଜ୍ଞ
୬. ଡକ୍ଟର ସୁଷମା ବାରିକ, ଅବସରପ୍ରାପ୍ତ ଓଡିଶା ପ୍ରସାଶନିକ ସେବା ଅଧିକାରୀ., ପୂନର୍ବାସ ଓ ଥଇଥାନ ବିଶେଷଜ୍ଞ
୭. ଶ୍ରୀଯୁକ୍ତ ରଞ୍ଜନ କୁମାର ସ୍ୟାମଲ, ଅବସରପ୍ରାପ୍ତ ସହକାରୀ ନିର୍ବାହୀ ଯନ୍ତ୍ରୀ, (ପୂର୍ତ୍ତ ବିଭାଗ), ପ୍ରକଳ୍ପ ବୈଷୟିକ ବିଶେଷଜ୍ଞ

ଉପରୋକ୍ତ ବ୍ୟକ୍ତି ବିଶେଷମାନଙ୍କ ମଧ୍ୟରୁ ଶ୍ରୀଯୁକ୍ତ ଦେବେଶ କୁମାର ବିଶ୍ୱାଳ, ଅବସରପ୍ରାପ୍ତ ଓଡିଶା ପ୍ରସାଶନିକ ସେବା ଅଧିକାରୀଙ୍କୁ ସ୍ୱତନ୍ତ୍ର ବହୁଦର୍ଶୀ ବିଶେଷଜ୍ଞ ଦଳର ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ), କଟକଙ୍କୁ ଆବାହକ ରୂପେ ଜିଲ୍ଲାପାଳ, କଟକଙ୍କ ଦ୍ୱାରା ମନୋନୀତ କରାଯାଇଅଛି ।

## ସାମାଜିକ ପ୍ରଭାବ ନିର୍ଦ୍ଧାରଣ ସର୍ବେକ୍ଷଣର ମୂଲ୍ୟାୟନ ନିମନ୍ତେ ସମୀକ୍ଷା ବୈଠକ

ଆଇନର ଧାରା-୭ ଉପଧାରା-୧ ଅନୁସାରେ ପ୍ରକାଶନ ହୋଇଥିବା ଚୂଡାନ୍ତ ସାମଜିକ ପ୍ରଭାବ ନିର୍ଦ୍ଧାରଣ ସର୍ବେକ୍ଷଣର ମୂଲ୍ୟାୟନ ତଥା ସୁପାରିଶ ନିମନ୍ତେ ଗଠିତ ହୋଇଥିବା "ସ୍ୱତନ୍ତ୍ର ବହୁଦର୍ଶୀ ବିଶେଷଜ୍ଞ ଦଳ" ଙ୍କ ଏକ ବୈଠକ ଆହ୍ୱାନ କରାଯାଇଥିଲା । ଉକ୍ତ ବୈଠକକୁ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ମତେ **ତା:୦୮-୦୬-୨୦୨୬ ରିଖ ଅପରାହ୍ଣ ୪.୩୦ ଘଟିକା ସମୟରେ Old Conference Hall, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କଟକ** ଠାରେ ଶ୍ରୀଯୁକ୍ତ ଦେବେଶ କୁମାର ବିଶ୍ୱାଳ, ଅବସରପ୍ରାପ୍ତ ଓଡିଶା ପ୍ରସାଶନିକ ସେବା ଅଧିକାରୀ, ପୁନର୍ବାସ ଓ ଥଇଥାନ ବିଶେଷଜ୍ଞଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା । ସ୍ୱତନ୍ତ୍ର ବହୁଦର୍ଶୀ ବିଶେଷଜ୍ଞ ଦଳର ନିମ୍ନ ସ୍ୱାକ୍ଷରକାରୀ ସଦସ୍ୟ ମାନେ ଉପସ୍ଥିତ ଥିଲେ ଏବଂ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ), ଭୂ-ଅର୍ଜନ ଅଧିକାରୀ (ପୌର), କଟକ ଓ ଅତିରିକ୍ତ ସ୍ୱତନ୍ତ୍ର ଅଧିକାରୀ, ମହାଧିବକ୍ତାଙ୍କ କାର୍ଯ୍ୟାଳୟ, ଓଡିଶା, କଟକ ଉପସ୍ଥିତ ଥିଲେ।

## ସାମାଜିକ ପ୍ରଭାବ ନିର୍ଦ୍ଧାରଣ ସର୍ବେକ୍ଷଣ ରିପୋର୍ଟର ମୂଲ୍ୟାୟନ

ପ୍ରାପ୍ତ ହୋଇଥିବା ସାମାଜିକ ପ୍ରଭାବ ଆକଳନ ସର୍ବେକ୍ଷଣ ବିବରଣୀକୁ ଅନୁଧ୍ୟାନ କରି ଉପସ୍ଥିତ ବିଶେଷଜ୍ଞ ଦଳ ସନ୍ତୋଷ ପ୍ରକାଶ କରିଥିଲେ ।

କଟକ ସହରସ୍ଥିତ ମାନ୍ୟବର ଉଚ୍ଚ ନ୍ୟାୟାଳୟ, କଟକଙ୍କ ନିକଟରେ ନିର୍ମିତ ହେଉଥିବା "ମହାଧିବକ୍ତା, ଓଡିଶା, କଟକଙ୍କ ନୂତନ କାର୍ଯ୍ୟାଳୟର ଯାନ ବାହାନ ରଖିବା ସ୍ଥାନ" ପ୍ରକଳ୍ପ ଉପଯୁକ୍ତ ଇଞ୍ଜିନିୟରିଂ ଡିଜାଇନ ମାଧମରେ ପ୍ରସ୍ତୁତ କରାଯାଇ ଜମି ଅଧିଗ୍ରହଣରେ ପ୍ରତିକୂଳ ପ୍ରଭାବକୁ କମାଇବାକୁ ଯଥେଷ୍ଟ ପ୍ରଚେଷ୍ଟା କରାଯାଇଥିବା ବିଶେଷଜ୍ଞ ଦଳ ହୃଦବୋଧ କରିଥିଲେ ।

ଏହି ପରିପ୍ରେକ୍ଷୀରେ ଜନବସତି ବିସ୍ଥାପନକୁ ଯେପରି ସର୍ବନିମ୍ନରେ ସିମୀତ କରାଯିବ, ସେଥିପ୍ରତି ଯଥେଷ୍ଟ ପଦକ୍ଷେପ ନିଆଯାଇଅଛି । ପୁନଶ୍ଚ ସର୍ବନିମ୍ନ ପରିମାଣର ବ୍ୟକ୍ତିଗତ ମାଲିକାନା ଜମିକୁ ଅଧିଗ୍ରହଣ କରିବା ପାଇଁ ଉପଯୁକ୍ତ ପଦକ୍ଷେପ ନିଆଯାଇଅଛି । ଜନଶୁଣାଣିରେ ଉତଥାପିତ କେତେକ ବିଷୟ ପ୍ରତି ଦୃଷ୍ଟି ଆକର୍ଷଣ କରି ତାହାର ସମାଧାନ ନିମନ୍ତେ ନିମ୍ନମତେ ଆଲୋଚନା କରାଯାଇଥିଲା ।

୧. ଉକ୍ତ ଜମି ଅଧିଗ୍ରହଣ ପ୍ରକଳ୍ପରେ ଅଧିଗୃହିତ ହେବାକୁ ଥିବା ଜମି/ଗୃହର ଉଚିତ ମୂଲ୍ୟାୟନ ନିମନ୍ତେ ଗୃହକର୍ତ୍ତାଙ୍କ ଉପସ୍ଥିତିରେ ମିଳିତ ପରିଦର୍ଶନ କରି ଯଥାଶୀଘ୍ର ଭୂ-ଅର୍ଜନ ଅଧିକାରୀ (ପୌର), କଟକଙ୍କୁ ବିବରଣୀ ପ୍ରଦାନ କରିବା ପାଇଁ ନିର୍ବାହୀ ଯନ୍ତ୍ରୀ, ପୂର୍ତ୍ତ ବିଭାଗ, ଡିଭିଜନ -୧, କଟକ ଓ ତହସିଲଦାର ସଦର କଟକଙ୍କୁ ନିର୍ଦ୍ଦେଶ ଦିଆଯାଇଅଛି।

୨. ଉକ୍ତ ଜମି ଅଧିଗ୍ରହଣ ପ୍ରକଳ୍ପରେ ପ୍ରତ୍ୟକ୍ଷ ଭାବେ କ୍ଷତିଗ୍ରସ୍ତ ହେଉଥିବା ପ୍ରଜାମାନଙ୍କୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ଏବଂ ORFCTLAR&R ନିୟମ,୨୦୧୬ ରେ ଥିବା ପ୍ରାବଧାନ ମୁତାବକ ପ୍ରଭାବିତ ହେବାକୁ ଥିବା ଜମି ଏବଂ ସମ୍ପତ୍ତିର ମୂଲ୍ୟ ନିର୍ଦ୍ଧାରଣ ନିମନ୍ତେ ଭୂ-ଅର୍ଜନ ଅଧିକାରୀ (ପୌର), କଟକଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା ।

୩. ଉକ୍ତ ଜମି ଅଧିଗ୍ରହଣ ପ୍ରକଳ୍ପରେ ଅଧିଗୃହିତ ହେବାକୁ ଥିବା ଜମି ବଦଳରେ କୌଣସି ସରକାରୀ ଚାକିରୀ କିମ୍ବା ଥଇଥାନ ବ୍ୟବସ୍ଥା ନାହି ଏବଂ କ୍ଷତିପୂରଣ ରାଶିର ଭାଗବଣ୍ଟା ତଥା ଜମିର ଦଖଲକୁ ନେଇ ରହିଥିବା ପାରିବାରିକ କଳହ ଏବଂ ସମସ୍ୟାର ଅପୋଷ ସହମତିରେ ସମାଧାନ ନିମନ୍ତେ କ୍ଷତିଗ୍ରସ୍ତ ହେଉଥିବା ପ୍ରଜାମାନଙ୍କୁ ମତାମତ ଦିଆଯାଇଅଛି ।

୩. ପ୍ରକଳ୍ପ ନିର୍ମାଣ ନିମନ୍ତେ ଅଧିଗ୍ରହଣ ନିମନ୍ତେ ସ୍ଥିରୀକୃତ ହୋଇଥିବା ଜମି/ପ୍ଲଟ ଗୁଡିକ ନିହାତି ଜରୁରୀ ତଥା ଉଦ୍ଦେଶ୍ୟ ସାଧନ ପାଇଁ ଉଦ୍ଦିଷ୍ଟ ବୋଲି ଅତିରିକ୍ତ ସ୍ୱତନ୍ତ୍ର ଅଧିକାରୀ, ମହାଧିବକ୍ତାଙ୍କ କାର୍ଯ୍ୟାଳୟ, ଓଡିଶା, କଟକ ପ୍ରକାଶ କରିଥିଲେ ।

୪. ଏହି ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନଟି ସମ୍ପୂର୍ଣ୍ଣ ଭାବେ ପ୍ରକଳ୍ପ ଆଧାରିତ, ପ୍ଲଟ ଆଧାରିତ ନୁହେଁ । ଉକ୍ତ ଅଧ୍ୟୟନରେ ଉଭୟ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବେ ପ୍ରଭାବିତ ପରିବାରଙ୍କୁ ସଂଶ୍ଳିଷ୍ଟ କରାଯାଇଅଛି ବୋଲି ଅଧ୍ୟୟନକାରୀ ସଂସ୍ଥା ଅଗ୍ରଣୀ (AGRANEE) ର ପ୍ରତିନିଧି ଜନଶୁଣାଣି ସମୟରେ ପ୍ରକାଶ କରିଥିଲେ ।

ପରିଶେଷରେ ବିଶେଷଜ୍ଞ ଦଳ ସାମାଜିକ ପ୍ରଭାବ ଆକଳନ ସର୍ବେକ୍ଷଣ ବିବରଣୀକୁ ପ୍ରାଞ୍ଜଳ ଭାବେ ଅନୁଧ୍ୟାନ କରି ଏହା ଏକ ଉତ୍କୃଷ୍ଟ ଏବଂ ଉପଯୁକ୍ତ ସର୍ବେକ୍ଷଣ ବିବରଣୀ ପ୍ରସ୍ତୁତ ହୋଇଥିବା ହୃଦବୋଧ କରି ଉଚ୍ଚ ପ୍ରଶଂସା କରିଥିଲେ ।

କଟକ ସହରସ୍ଥିତ ମାନ୍ୟବର ଉଚ୍ଚ ନ୍ୟାୟାଳୟ, କଟକଙ୍କ ନିକଟରେ ନିର୍ମିତ ହେଉଥିବା "ମହାଧିବକ୍ତା, ଓଡିଶା, କଟକଙ୍କ ନୂତନ କାର୍ଯ୍ୟାଳୟର ଯାନ ବାହାନ ରଖିବା ସ୍ଥାନ" ପ୍ରକଳ୍ପଟି ସମ୍ପୂର୍ଣ୍ଣ ହେଲେ ଅତ୍ୟନ୍ତ ଜନଗହଳିପୂର୍ଣ ସ୍ଥାନରେ ଅବସ୍ଥିତ ଥିବା ସହିତ ସଙ୍କୁଚିତ ରାସ୍ତା ସହିତ ସଂଯୁକ୍ତ ଥିବା

ଏହି କାର୍ଯ୍ୟାଳୟର ଯାନବାହାନ ସୁରକ୍ଷିତ ରହିବା ସହିତ ରାସ୍ତାରେ ସର୍ବସାଧାରଣଙ୍କ ଗମନାଗମନ ସୁଗମ ହେବ ଏବଂ ମାନ୍ୟବର ଉଚ୍ଚ ନ୍ୟାୟାଳୟ ସମ୍ମୁଖ ରାସ୍ତାର ଭିଡ / ଗହଳିକୁ ନିୟନ୍ତ୍ରଣ କରିବାରେ ସହାୟକ ହେବ । ଏହାଦ୍ୱାରା ସମଗ୍ର ଓଡ଼ିଶାରୁ ମାନ୍ୟବର ଉଚ୍ଚ ନ୍ୟାୟାଳୟ ତଥା ମହାଧିବକ୍ତାଙ୍କ କାର୍ଯ୍ୟାଳୟ, ଓଡିଶାଙ୍କ ଦ୍ୱାରସ୍ଥ ହେଉଥିବା ସମସ୍ତ ଆଇନଜୀବୀ, କର୍ମଚାରୀ, ଜନସାଧାରଣ ତଥା ଅଞ୍ଚଳବାସୀଙ୍କ ଗମନାଗମନ ସୁବିଧାଜନକ ହେବ । ତେଣୁ ଉକ୍ତ ଜମି ଅଧିଗ୍ରହଣ ନିଶ୍ଚିତ ଭାବେ ସର୍ବସାଧାରଣ ଉଦ୍ଦେଶ୍ୟ ଏବଂ ଉପକାର ପାଇଁ ଉଦ୍ଦିଷ୍ଟ ହେବ ବୋଲି ସ୍ୱତନ୍ତ୍ର ବହୁଦର୍ଶୀ ବିଶେଷଜ୍ଞ ଦଳର ସଦସ୍ୟମାନେ ମତବ୍ୟକ୍ତ କରିଛନ୍ତି ।

ସଠିକ କ୍ଷତିପୂରଣ ଅଧିକାର ଏବଂ ଜମି ଅଧିଗ୍ରହଣରେ ସ୍ୱଚ୍ଛତା, ଥଇଥାନ ଓ ପୁନର୍ବାସ ଆଇନ, ୨୦୧୩ ବ୍ୟବସ୍ଥାକୁ ପର୍ଯ୍ୟାଲୋଚନା କରିବା ପରେ ପ୍ରସ୍ତୁତ ହୋଇଥିବା ସାମାଜିକ ପ୍ରଭାବ ଆକଳନ ସର୍ବେକ୍ଷଣ ରିପୋର୍ଟକୁ ସୁପାରିଶ କରି ଯଥାଯୋଗ୍ୟ ସରକାରଙ୍କ ନିକଟକୁ ପ୍ରେରଣ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା । ଏହି ପ୍ରକଳ୍ପ ଦ୍ୱାରା ହେଉଥିବା କ୍ଷୟକ୍ଷତି ଅପେକ୍ଷା ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ହେବାକୁଥିବା ଉପକାର ଓ ସୁବିଧା ଅଧିକ ସହାୟକ ହେବ ବୋଲି ବିଶେଷଜ୍ଞ ଦଳ ହୃଦବୋଧ କଲେ ।

ସଭା ଶେଷରେ ଆବାହକ ତଥା ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ), କଟକ ଉପସ୍ଥିତ ସମସ୍ତ ସଭ୍ୟ ତଥା ଅଧକ୍ଷଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

ଅଧକ୍ଷ,
"ସ୍ୱତନ୍ତ୍ର ବହୁଦର୍ଶୀ ବିଶେଷଜ୍ଞ ଦଳ"

ଡକ୍ଟର ସୁଷମା ବାରିକ, ଅବସରପ୍ରାପ୍ତ ଓଡିଶା ପ୍ରସାଶନିକ ସେବା ଅଧିକାରୀ,
ପୁନର୍ବାସ ଓ ଥଇଥାନ ବିଶେଷଜ୍ଞ

ଶ୍ରୀଯୁକ୍ତ ପ୍ରଶନ୍ନ କୁମାର ଲିମା, ସାମାଜିକ ବିଜ୍ଞାନୀ

ଡକ୍ଟର ରାଜକିଶୋର ମେହେର, ଅବସରପ୍ରାପ୍ତ ସମାଜ ବିଜ୍ଞାନ ପ୍ରଧାପକ, ସାମାଜିକ ବିଜ୍ଞାନୀ

ଶ୍ରୀଯୁକ୍ତ ରଞ୍ଜନ କୁମାର ସ୍ୟାମଲ, ଅବସରପ୍ରାପ୍ତ ସହକାରୀ ନିର୍ବାହୀ ଯନ୍ତ୍ରୀ,
(ପୂର୍ତ୍ତ ବିଭାଗ), ପ୍ରକଳ୍ପ ବୈଷୟିକ ବିଶେଷଜ୍ଞ

**Attendance of the officials and members present in the meeting of Independent Multidisciplinary Expert Group held on 08.06.2026 at 4.30 PM in the Office Chamber of the Additional District Magistrate (Revenue), Cuttack for the acquisition of private land measuring an area of Ac.0.119 dec. in mouza-Unit No.14, Nayasadak for acquisition of providing parking space for the new office building of the Advocate General, Orissa, constructed in front of the Hon'ble Orissa High Court, Cuttack**

| Sl. No. | Name of the Officials/Members & Designation | Signature | Mobile No. |
|---|---|---|---|
| 1 | Dr. Dibyalochan Mohanta, ADM, Cuttack | | 9437230451 |
| 2 | Shri Debesh Kumar Biswal, OAS (Retd.), Expert on Rehabilitation-cum-Chairman | | 8280240652. |
| 3 | Dr. Smt. Susama Barik, OAS, (Retd.), Expert on Rehabilitation | 8/6/26 | 9437977416 |
| 4 | Shri Ranjan Kumar Shyamal, Retd. Asst. Executive Engineer, Cuttack, (R&B) Division-1, Cuttack, Project Technical Expert | 08/6/26 | 8895095956 |
| 5 | Sri Prasana Kumar Lima, Freelance Development Consultant, Social Scientist | | 9437943642 |
| 6 | Dr. Rajkishore Meher, Retd. Professor Sociology, NCDS, Bhubaneswar, Social Scientist | | 9437004036 |
| 7 | Municipal corporation, Representative of CMC, Cuttack | | |
| 8 | Sri Satya Ranjan Tripathy, Corporator, Ward No.13, Representative of CMC, Cuttack | | |
| 9 | Soumya Satarisa LAO(Civil), AGO | | 9821675021 |
| 10 | P. K. Mandal Consultant O/o Advocate General Odisha | | 98615-10153. |
| 11 | Deepak Kumar Sethi Administrative Officer Advocate General Odisha Cuttack | 08/06/2026 | 8249604893. |
| 12 | Sri Bhabani Shankar Mohanty ASO O/o the AG, Odisha, Cuttack | 8/6/26 | 6370168772 |
| 13 | | | |
| 14 | | | |
| 15 | | | |